## ସଂକ୍ଷେପରେ

### ଗୋଷ୍ଠାଷ୍ଟମୀ ମହୋତ୍ସବ

ସୋରଡା,୧।୧୧(ଡି.ଏନ୍.ଏ.):ବଜରଙ୍ଗ ଦଳ ତରଫରୁ ମଙ୍ଗଳବାର ସୁରଭି ଗୋଧାମ ଚାରିଟେବଲ ବାଦୁଆପଲ୍ଲୀଠାରେ ଗୋଷ୍ଠାଷ୍ଟମୀ ମହୋତ୍ସବ ପାଳନ ହୋଇଯାଇଛି। ମଙ୍ଗଳବାର ସ୍ନାନ, ଚନ୍ଦନ, ସିନ୍ଦୂର ଅର୍ପଣା ପରେ ଗୋପୂଜନ, ହୋମକର୍ମ, ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଖିଳ ଭାରତ ଗୋରକ୍ଷା ସମିତିର ସଦସ୍ୟ ବିଜୟ ତ୍ରିବୁରିୱାଲ, ଚିନ୍ମୟନନ୍ଦ ମହାରାଜ, ସତ୍ୟାନନ୍ଦ ମୁରଲୀଧର ପଣ୍ଡା, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ସେଠାରେ ୨୦୦ରୁ ଅଧିକ ଗୋମାତାଙ୍କୁ ପୂଜନ କରାଯାଇଥିଲା। ଗୋଧାମ ପରିଚାଳକ ଅମ୍ବିକା ଦାସ, ସଦସ୍ୟ ପ୍ରମୋଦ ଗଉଡ, ସଞ୍ଜୟ ପ୍ରଧାନ, ସୁଧୀର ପ୍ରଧାନଙ୍କ ସମେତ ବହୁ ଯୁବକ ପରିଚାଳନା କରିଥିଲେ।

### ମନ୍ଦିରର ହୁଣ୍ଡି ଚୋରି ଉଦ୍ୟମ

ପାତ୍ରପୁର,୧।୧୧(ଡି.ଏନ.ଏ): ଜରଡ଼ା ଥାନା ତୁରୁବୁଡି ପଞ୍ଚାୟତ ନୂଆଗଡଠାରେ ଥିବା କୁରେଇଶୁଣିଙ୍କ ହୁଣ୍ଡିରୁ ସୋମବାର ରାତିରେ ଚୋରମାନେ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ମଙ୍ଗଳବାର ପୀଠରୁ ହୁଣ୍ଡି ଚୋରି ଉଦ୍ୟମ ନେଇ ଗ୍ରାମବାସୀ ଖାରିଆଗୁଡ଼ା ଫାଣ୍ଡିରେ ଏତଲା ଦେଇଛନ୍ତି। ଗତ ରାତ୍ର କେତେଜଣ ଚୋର ମନ୍ଦିରରେ ଥିବା ହୁଣ୍ଡି ଚୋରି ଉଦ୍ୟମ କରିଥିଲେ। ହୁଣ୍ଡିଟିକୁ ବାହାର କରି ଏକ ବାଉଁଶ ସାହାଯ୍ୟରେ ବୋହି ନେବାକୁ ଉଦ୍ୟମ କରୁଥିବା ବେଳେ ଶବ୍ଦ ହେବାରୁ ବିଫଳ ହୋଇଥିଲେ। କୋଠାଘରେ ଶୋଇ ଥିବା ଗ୍ରାମର ମଙ୍ଗୁଲୁ ଦଳାଇ ଜାଣି ପାରି ପାଟି କରିଥିଲେ। ପାଟି ଶୁଣି ଚୋରମାନେ ହୁଣ୍ଡି ଛାଡ଼ି ଦୌଡ଼ି ଚାଲିଯାଇଥିଲେ।

### ବିଶ୍ୱ ଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ପାତ୍ରପୁର,୧।୧୧(ଡି.ଏନ.ଏ.):ପାତ୍ରପୁର ବ୍ଲକ ଜରଡ଼ାଗଡ଼ ଆର୍ଯ୍ୟସମାଜ ତରଫରୁ ଜରଡ଼ା ରାଜଦାଣ୍ଡରେ ଚାରିଦିନିଆ ରଗ୍‌ବେଦ ପାରାୟଣ ଏବଂ ୫୧ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଓଁ ଧ୍ୱଜା ଉତ୍ତୋଳନ ହୋଇ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ପ୍ରତି ସନ୍ଧ୍ୟାରେ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ ଏବଂ ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ପ୍ରବଚନ ସମସ୍ତଙ୍କୁ ଆନ୍ଦୋଳିତ କରିଥିଲା। କାର୍ଯ୍ୟକ୍ରମରେ ଶ୍ରୁତିପ୍ରିୟ ଜୀ, ବାମଦେବ ଜୀ, ଧର୍ମା ରାଓ, ବୈରାଗୀ ରେଡ୍ଡୀ, ସୁବାସ ବରାଳ, ଅହଲ୍ୟା ସୁବୁଦ୍ଧି, ନରସିଂହ ମହାରଣା ପ୍ରମୁଖଙ୍କ ସମେତ ସମାଜର ବହୁ ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

### ଗଡ଼ିଲା କୃଷକ ସଚେତନତା ରଥ

ଜଗନ୍ନାଥପ୍ରସାଦ,୧।୧୧(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ବ୍ଲକ କୃଷି ବିଭାଗ ପକ୍ଷରୁ ସୋମବାରଠାରୁ କୃଷକ ସଚେତନତା ରଥ ବ୍ଲକ ଅଞ୍ଚଳ ପରିକ୍ରମା ଆରମ୍ଭ କରିଛି। ବ୍ଲକ ଅଧକ୍ଷ ଜୟଶ୍ରୀ ସାହୁ, ବିଡିଓ ଅନୁପ ପଣ୍ଡା, ତହସିଲଦାର ମନୋଜ କୁମାର ତ୍ରିପାଠୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଉପାଧାକ୍ଷ ରଞ୍ଜିତ ପାତ୍ର, କନ୍ଧମାଳ ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ଜିଲା ପରିଷଦ ମାନସୀ ସେଠି, ସୁମିତ୍ରା ପ୍ରଧାନ, କୃଷି ଜିଲା ଅଧିକାରୀ ଶଶୀ ଭୂଷଣ ସେନାପତି, ସହକାରୀ କୃଷି ଅଧିକାରୀ ଅଭିଜିତ ପ୍ରଧାନ, କୃଷି ଅଧୀଦର୍ଶକ ଜେମାମଣି ଦେଇ, ଆତ୍ମା ଅଧକ୍ଷ ସୁଶାନ୍ତ ପ୍ରଧାନ, କୃଷି ଗ୍ରାମ୍ୟ କର୍ମଚାରୀ ନରେନ୍ଦ୍ର କୁମାର ପାଣିଗ୍ରାହୀ, ରଞ୍ଜନ କୁମାର ସିଂ, ଦିଲ୍ଲୀପ କୁମାର ପ୍ରଧାନ, ସଞ୍ଜୀବ କୁମାର ନାୟକ, ଜିତେନ୍ଦ୍ର କୁମାର ବେହେରା, ମନୋଜ କୁମାର ପଣ୍ଡା, ଚନ୍ଦନ କୁମାର ସାହୁ, ସହକାରୀ ପରିଚାଳକ ଖଦାଳ ପ୍ରଧାନ, ବିଞ୍ଚ କାନ୍ତ ପ୍ରଧାନ, ରାଜେଶ କୁମାର ନାୟକ, କୃଷି ଉନ୍ନତ ସହଯୋଗୀ ଶୁଭଶ୍ରୀ ଦାସ, ଅନୁପମ ସ୍ୱାଇଁ, ସହଯୋଗୀ ରାମ ଚନ୍ଦ୍ର ବେହେରା, ଅଇଁଠା ସାହୁ, ବସନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# କନ୍ଧମାଳର ୪ ବ୍ଲକ୍‌ରେ ହେବ କଫିଚାଷ

## ୭୦ ହେକ୍ଟରରେ ସରିଲାଣି ଶେଡ୍ ପ୍ଲାଣ୍ଟିଂ

ଫୁଲବାଣୀ ଅଫିସ, ୧।୧୧


ଶେଡ୍ ପ୍ଲାଣ୍ଟିଂ ପାଇଁ ପ୍ରସ୍ତୁତ ହୋଇ ରହିଥିବା ଚାରା।

କନ୍ଧମାଳ ଜିଲାରେ କଫିଚାଷ ପାଇଁ ଅନୁକୂଳ ପରିବେଶ ରହିଛି। ଜିଲାର କେବଳ ଦାରିଙ୍ଗବାଡିରେ କଫିଚାଷ ହେଉଥିଲା। ଏବେ ଅନ୍ୟ ୪ଟି ବ୍ଲକ ଜି.ଉଦୟଗିରି, ରାଇକିଆ, କ.ନୂଆଗାଁ ଏବଂ ଟିକାବାଲିରେ ଏହି ଚାଷ ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କଫି ବୋର୍ଡ ମାଧ୍ୟମରେ ଏହା ହେବ। ପ୍ରାଥମିକ ପର୍ଯ୍ୟାୟରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୭୦ ହେକ୍ଟର ଜମିରେ କଫି ଚାଷ ପାଇଁ ଆବଶ୍ୟକ ହେଉଥିବା ଶେଡ୍ ପ୍ଲାଣ୍ଟିଂ ସରିଲାଣି। ଆଉ ୨ ବର୍ଷ ପରେ ଏଠାରେ କଫି ଚାରା ଲଗାଯିବ। କଫି ଥରେ ଲାଗିଲେ ୧୦୦ ବର୍ଷ ପର୍ଯ୍ୟନ୍ତ ଅମଳ ଦେବ। ସମୁଦ୍ର ପତନରୁ ବହୁ ଉଚ୍ଚ ତଥା ଅଧିକ ଥଣ୍ଡା ଅନୁଭୂତ ହେଉଥିବା ସ୍ଥାନରେ କଫି ଗଛ ବଢ଼ିବା ସହ ଭଲ ଅମଳ ହୋଇଥାଏ। ଏପରି ଅନୁକୂଳ ପରିବେଶ କନ୍ଧମାଳ ଜିଲାରେ ରହିଛି।

କନ୍ଧମାଳର ଦାରିଙ୍ଗବାଡିରେ କଫିଚାଷ ବହୁ ବର୍ଷ ହେଲା ସଫଳ ହୋଇଛି। ଜିଲାରେ କିପରି ଅଧିକ ଚାଷ ହେବ ଏବଂ ଚାଷୀ ଭଲ ରୋଜଗାର କରିବେ, ସେହି ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ସର୍ଭେ କରାଯାଇଥିଲା। ପରେ ଦାରିଙ୍ଗବାଡି ସମେତ ଜି.ଉଦୟଗିରି, କ.ନୂଆଗାଁ, ଟିକାବାଲି ଏବଂ ରାଇକିଆ ବ୍ଲକରେ କଫି ଚାଷ ପାଇଁ ୧୦୦ ହେକ୍ଟର ଜମି ସ୍ଥିର ହେଲା। ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ଜି.ଉଦୟଗିରିର ମୃତ୍ତିକା ସଂରକ୍ଷଣ ପ୍ରଦର୍ଶନ କ୍ଷେତ୍ରର ୩୦ହେକ୍ଟର ଜମିରେ ସିଲଭରଓକ ଗଛ ଲଗାଯାଇ ଶେଡ୍ ପ୍ଲାଣ୍ଟିଂ କରାଯାଇଛି। ସେହିପରି ଦାରିଙ୍ଗବାଡିରେ ୨୦, କ.ନୂଆଗାଁରେ ୧୦, ଟିକାବାଲିରେ ୬ ଏବଂ ରାଇକିଆ ବ୍ଲକର ୪ ହେକ୍ଟର ଜମିରେ ଶେଡ୍ ପ୍ଲାଣ୍ଟିଂ ଶେଷ ହୋଇଛି। ଏସବୁ ସ୍ଥାନରେ ପଣସ, ଜାମୁକୋଳି, ଚମ୍ପା, ସିଲଭରଓକ ଆଦି ଗଛ ଲଗାଯାଇଛି। ସମସ୍ତ କାର୍ଯ୍ୟ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ କରାଯାଇଛି। ଚାଷୀମାନଙ୍କ ହାତରୁ କୌଣସି ଖର୍ଚ୍ଚ ହୋଇନାହିଁ ବରଂ ସେମାନେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରି ରୋଜଗାର ପାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ବିଗତ ଦିନରେ ତିତ୍‌ଲି ବାତ୍ୟାରେ ଦାରିଙ୍ଗବାଡି କଫି ପ୍ଲାଣ୍ଟ ନଷ୍ଟ ହୋଇଥିଲା। ଏବେ ସେଠାରେ ୨ ହେକ୍ଟର ସ୍ଥାନରେ ୧୦୦୦ ଗଛ ଲଗାଯାଇଛି। ଜି.ଉଦୟଗିରିରେ କେବଳ ସିଲଭରଓକ ଚାରା ୧ ଲକ୍ଷ ୧୫ ହଜାର ପଡିଛି। ଏଠାରୁ ଚାରା କଫି ଚାଷ ହେବାକୁ ଥିବା ବ୍ଲକକୁ ଯାଇ ଶେଡ୍ ପ୍ଲାଣ୍ଟିଂ କରାଯିବ। କଫି ଚାଷ ପାଇଁ ହେକ୍ଟର ପିଛା ୧ ହଜାର ଚାରା ଶେଡ ପ୍ଲାଣ୍ଟିଂ ହେଉଛି। ସେଠାରେ ୨୨୦୦ କଫି ଗଛ ଲଗାଯିବ। କଫି ମଞ୍ଜି କୋରାପୁଟରୁ ଆସିବ। କଫି ବୋର୍ଡ ଏହାକୁ ଦେବ। ଶେଡ୍ ପ୍ଲାଣ୍ଟରେ ଗୋଲମରିଚ ଗଛ ଲଗାଯିବ। ଏହା ଲଟା ଭଳି ମାଡିବ। ଚାଷୀ ବର୍ଷକୁ କେବଳ ଗୋଲମରିଚ ବିକ୍ରି କରି ପ୍ରାୟ ୧ ଲକ୍ଷ ଟଙ୍କା ରୋଜଗାର କରିବ। ବର୍ତ୍ତମାନ ଗୋଲମରିଚ କିଲୋ ପିଛା ୧୦୦୦ ଟଙ୍କା ରହିଛି। ସେହିପରି କଫି ଫଳିଲା ପରେ ଏହାକୁ କଫି ବୋର୍ଡ ସଂଗ୍ରହ କରିବ। ଟିଡିସିସି ଏହାର ମାର୍କେଟିଂ ଦାୟିତ୍ୱ ନେବ। କଫି ସଂଗ୍ରହ ହେଲା ପରେ ଚାଷୀଙ୍କୁ କିଲୋ ପିଛା ୪୫ ଟଙ୍କା ମିଳିବ। କଫି ବଗିଚାର ରକ୍ଷଣାବେକ୍ଷଣ ପ୍ରଥମ ୩ ବର୍ଷ ଏମ୍‌ଜିଏନ୍‌ଆରଇଜିଏସ୍ ଜରିଆରେ ହେବ। ପରେ କଫି ବୋର୍ଡ ୩ ବର୍ଷ ଏବଂ ଟିଡିସିସି ୧୫ ବର୍ଷ ନେବାକୁ ଉଦ୍ୟମ ଜାରି ରହିଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। କଫି ଚାଷ ଉପଯୋଗୀ ଜଳବାୟୁ ଥିବା କନ୍ଧମାଳରେ ସ୍ଥାୟୀ କଫି ବୋର୍ଡ ସ୍ଥାପନ କରାଯାଉ ବୋଲି ଜିଲାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ନେଇ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, କଫି ଚାଷ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏବେ ଶେଡ୍ ପ୍ଲାଣ୍ଟିଂ ସରିଛି। ଗଛ ବଡ ହେଲେ ସେଥିରେ କଫି ଗଛ ଲାଗିବ। ଅର୍ଥାତ ୨ ବର୍ଷ ପରେ କଫି ଚାରା ରୋପଣ ହେବ। କଫି ଅମଳକୁ ଦେଖି ଆଗାମୀ ଦିନରେ ଅଧିକ ଚାଷ ପାଇଁ ପ୍ରୟାସ କରାଯିବ ବୋଲି ତ୍ରିପାଠୀ କହିଛନ୍ତି।

## ବିଧାୟକଙ୍କ କାର୍ଯ୍ୟକ୍ରମକୁ ଡାକିବାରୁ ଆକ୍ରମଣ

ଗୋପାଳପୁର,୧।୧୧(ଡି.ଏନ.ଏ.)

ଗୋପାଳପୁର ବିଧାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ପାଇଁ ଡାକିବା ସମୟରେ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଗୋଳନ୍ଥରା ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ବିଧାୟକ ଡ଼.ପ୍ରଦୀପ ପାଣିଗ୍ରାହୀ ମଙ୍ଗଳବାର ଇନ୍ଦ୍ରାକ୍ଷୀ ଗ୍ରାମକୁ ଆସିବା କାର୍ଯ୍ୟକ୍ରମ ଥିବାରୁ ସୋମବାର ରାତିରେ ଗ୍ରାମର ରୁପାଙ୍ଗ ସାହୁ ଘର ଘର ବୁଲି ଲୋକଙ୍କୁ ତାଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ କହୁଥିଲେ। ତେବେ ଜଣେ ପୂର୍ବତନ ସରପଞ୍ଚ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ କଲେ ଅପହରଣ କରି ଜୀବନରେ ମାରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ରୁପାଙ୍ଗ ଓ ଗ୍ରାମର ଆଉ କେତେଜଣ ଏ ନେଇ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ.୪୦୧/୨୨ରେ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ରୁପାଙ୍ଗ ଓ ଅନ୍ୟ ଜଣେ ଧମକ ଦେବା ସହ ମାଡ଼ ମାରିଥିବା ନେଇ ପୂର୍ବତନ ସରପଞ୍ଚ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ.୪୦୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଉଭୟ ପକ୍ଷରୁ ଦୁଇଟି ମାମଲା ହୋଇଛି, ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ


ଗୋ ସମ୍ବର୍ଦ୍ଧନା ଉତ୍ସବ।

ଜି.ଉଦୟଗିରି,୧।୧୧(ଡି.ଏନ.ଏ.)

ଜି.ଉଦୟଗିରି ପ୍ରାଣୀ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଗୋ ପୂଜନ କରି ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାଲିଗୁଡା ଡାକ୍ତର ରତ୍ନାକର ରାଉତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବାଲିଗୁଡା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଯୋଗଦେଇଥିଲେ। ଜିଲା ନୋଡାଲ ଅଧିକାରୀ ଡାକ୍ତର ଅଲକା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବିଘ୍ନରାଜ ସ୍ୱାଇଁ, ଅଳକା ଅଭିପ୍ସା ବଳିଆରସିଂ ଓ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୬୭.୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ପୋଲସରା,୧।୧୧(ଡି.ଏନ.ଏ.)

ପୋଲସରା ଥାନା ପୋଲିସ ସୋମବାର ଭୋରରେ ପାଟ୍ରୋଲିଂ ବେଳେ ମାରଦା ଛକ ନିକଟରେ ଗୋଟିଏ ଅଟୋରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ସୂଚନା ଦେଇଛନ୍ତି। ଗୋଟିଏ ଅଟୋ (ନଂ ଓଡି ୦୭ ଭି ୮୬୧୨) ମଧ୍ୟରୁ ତିନୋଟି ଅଖାରୁ ୬୭.୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏହା ସହିତ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଜବତ କରିବା ସହ ଦୁଇ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ସେମାନେ କୋଦଳା ଥାନା ଅନ୍ତର୍ଗତ ଛଟିନା ଗ୍ରାମର ନିବାସୀ ନାହାକ ଓ ରଞ୍ଜନ ପ୍ରଧାନ। ଜବତ ଗଞ୍ଜେଇ କେଉଁ ଅଞ୍ଚଳରୁ କେଉଁ ଅଞ୍ଚଳକୁ ଚାଲାଣ ହେଉଥିଲା ତାହା ତଦନ୍ତ ଜାରି ରହିଥିବାରୁ ସ୍ପଷ୍ଟ ସୂଚନା ମିଳିନାହିଁ। ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଥାନା ଏସ୍‌ଆଇ ଅଜୟ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୋଲିସ ଟିମ୍ ମାରଦା ମନ୍ଦିର ଛକ ନିକଟରେ ପାଟ୍ରୋଲିଂ ସମୟରେ ଅଟୋକୁ ଅଟକାଇ ଯାଞ୍ଚ କରିଥିଲେ। ଏ ନେଇ ପୋଲସରା ଥାନାରେ ନଂ.୪୬୦/୨୨ରେ ଏକ ମାମଲା ରୁଜୁ କରି ଅତିରିକ୍ତ ଥାନାଧିକାରୀ କୃଷ୍ଣ ଶାହା ତଦନ୍ତ ଜାରୀ ରଖିଛନ୍ତି।

# ସିଆରପିଏଫ୍‌ର ଜନ ସମ୍ପର୍କ ଶିବିର


ସିଆର୍‌ପିଏଫ୍ ପକ୍ଷରୁ ଛାତ୍ରୀମାନଙ୍କୁ ସାମଗ୍ରୀ ବଣ୍ଟନ କରାଯାଉଛି।

ଫୁଲବାଣୀ ଅଫିସ/ବାଲିଗୁଡ଼ା (ଡି.ଏନ.ଏ.), ୧।୧୧

ମାନବିକ ସିଭିକ ଆକ୍ସନ କାର୍ଯ୍ୟକ୍ରମ ଗୃହ ମନ୍ତ୍ରଣାଳୟର ଆର୍ଥିକ ସହାୟତା ଯୋଜନା ଅଧୀନରେ ଆୟୋଜିତ ଆଣ୍ଟି ନକ୍ସଲ ଡ୍ୟୁଟିରେ ଥିବା ୧୨୭ ବାଟାଲିୟନ ତରଫରୁ କନ୍ଧମାଳ ଜିଲା ଗୋଛାପଡା ଥାନା ଅଧୀନ ବାଲନ୍ଦାପଡାଠାରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ପଞ୍ଚାୟତ ବାସୀଙ୍କୁ ସିଆରପିଏଫ ତରଫରୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୨୭ ବାଟାଲିୟନ କମାଣ୍ଡାଣ୍ଟ ତଥା ଏହି କାର୍ଯ୍ୟକ୍ରମର ଆୟୋଜକ ଆନନ୍ଦ ଝା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବିଜୟ ପ୍ରକାଶ ଚୌବେ ଓ ପ୍ରଦୀପ ଭି.କେ. ପ୍ରମୁଖଙ୍କ ଉପସ୍ଥିତିରେ ଏକ ରଙ୍ଗୀନ କାର୍ଯ୍ୟକ୍ରମରେ ଭଲିବଲ ଏବଂ ଭଲିବଲ ନେଟ, ଫୁଟବଲ ହ୍ୟାଣ୍ଡବଲ, ତିନୋଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଛି ଏବଂ ରୋଷଇ ଉପକରଣ ପ୍ରତ୍ୟେକ ପରିବାରରେ ୪-୫ ଜଣଙ୍କୁ ନେଇ ଗଠିତ ଏବଂ ଗ୍ରାମ ବାପୁଙ୍ଗା ଗ୍ରାମପଞ୍ଚାୟତ ବାଲନ୍ଦାପଡାର ଅଭାବୀ ଏବଂ ଗରିବ ପରିବାରକୁ ପ୍ରଦାନ କରାଯାଇଛ। ଏହି ଯୋଜନା ଅଧୀନରେ ସମୁଦାୟ ୨୦ ପରିବାର ଏବଂ ତିନୋଟି ବିଦ୍ୟାଳୟ ଉପକୃତ ହୋଇଥିଲେ।

# ଆମ ପୋଲିସ ସମିତିର ସଚେତନତା ବୈଠକ

ଜଗନ୍ନାଥପ୍ରସାଦ,୧।୧୧(ଡି.ଏନ.ଏ.)


ବୈଠକରେ ଉପସ୍ଥିତ ଅତିଥି।

ଜଗନ୍ନାଥପ୍ରସାଦ ଥାନା ଝାଡ଼ଭୂମି ଗ୍ରାମ ପଞ୍ଚାୟତର ସଭାଗୃହଠାରେ ଜଗନ୍ନାଥପ୍ରସାଦ ଥାନା ଆମ ପୋଲିସ ସମିତି ପକ୍ଷରୁ ସୋମବାର ଏକ ସଚେତନତା ବୈଠକ ଆୟୋଜିତ ହୋଇଥିଲା। ସମାଜରେ ବହୁ କୁସଂସ୍କାର ଗୁଣିଗାରେଡି ଭଳି ଅନ୍ଧ ବିଶ୍ୱାସ କାରଣକୁ ନେଇ ଅକାଳରେ ନିରୀହ ଲୋକେ ହଇରାଣ ହେଉଛନ୍ତି। ଏପରିକି ବେଳେବେଳେ ଏହାକୁ ପରିଣାମ ସ୍ୱରୂପ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ଏହାକୁ କେବଳ ସଚେତନ ମାଧ୍ୟମରେ ଦୂର କରାଯାଇପାରିବ। ତେବେ ଏଥିରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା ଉକ୍ତ ବୈଠକରେ ମତ ପ୍ରକାଶ ପାଇଥିଲା। ଜଗନ୍ନାଥପ୍ରସାଦ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଝାଡ଼ଭୂମି ସରପଞ୍ଚ ବିପ୍ର ଚରଣ ସ୍ୱାଇଁ, ଯୁବ ସମିତି ସଭ୍ୟ ଅନୁପ ଭୂୟାଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଡାକ୍ତର ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ, ସବଇନ୍ସପେକ୍ଟର ସୁଶାନ୍ତ କୁମାର ପ୍ରଧାନ, ଚନ୍ଦ୍ର ଶେଖର ବେହେରା, ବର୍ଷିଆନ ସମାଜସେବୀ ବାଳି ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଜନସଚେତନା ସଭାରେ ମୁଖ୍ୟତଃ ବିନା ହେଲମେଟ ଓ ଡ୍ରାଇଭିଂ ଲାଇସେନ୍ସରେ ଗାଡି ନ ଚଳେଇବା, ଟ୍ରାଫିକ ନିୟମ ପାଳନ କରିବା ସହିତ ସାଇବର ଠକେଇଠାରୁ କିପରି ଦୂରେଇ ରହିବା ଏହା ଉପରେ ଥାନାଧିକାରୀ ବୁଝାଇଥିଲେ।

# ଆମ ପୋଲିସ ସମିତି ବୈଠକ

ଗଞ୍ଜାମ,୧।୧୧(ଡି.ଏନ.ଏ.)

ରମ୍ଭା ଥାନା ପୋଲିସ ପକ୍ଷରୁ ସନ୍ତୋଷପୁରଠାରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରମ୍ଭା ଥାନା ଅଧିକାରୀ ପି. ସ୍ୱରୂପ କିଷାନ ଅଧ୍ୟକ୍ଷତା କରିଥିଲେ। ଉକ୍ତ ପଞ୍ଚାୟତ ସମିତି ମେମ୍ବର ଏସ. କବିତା ରେଡ୍ଡୀ, ସରପଞ୍ଚ କବିତା ସାହୁ, ପଞ୍ଚାୟତ ସଭାପତି ସଚୀନ୍ଦ୍ର ନାଥ ପଟ୍ଟନାୟକ, ସରପଞ୍ଚ ପ୍ରତିନିଧି ଭୀମସେନ ସାହୁ, ସମିତି ପ୍ରତିନିଧି ରାମଚନ୍ଦ୍ର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଇନ ଶୃଙ୍ଖଳା, ପାଟ୍ରୋଲିଂ ଆଦିକୁ ଗୁରୁତ୍ୱ ଦିଆଯିବ ବୋଲି ରମ୍ଭା ଥାନା ପକ୍ଷରୁ କୁହାଯାଇଛି।

# ଗଞ୍ଜାମରେ ୟୁନିସେଫ୍ ଟିମ୍‌ର ଅନୁଧ୍ୟାନ

## ଚଳିତବର୍ଷ ରୋକାଗଲାଣି ୨୮୯ ବାଲ୍ୟବିବାହ

ଛତ୍ରପୁର,୧।୧୧(ଡି.ଏନ୍.ଏ.)


ଜିଲାପାଳ ଓ ୟୁନିସେଫ୍ ଟିମ୍‌ର ସଦସ୍ୟମାନେ।

ୟୁନିସେଫ୍ ଟିମ୍ ମଙ୍ଗଳବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ବାଲ୍ୟବିବାହ ରୋକିବା ନେଇ ଜିଲାରେ ନିଆଯାଇଥିବା ପଦକ୍ଷେପ ଉପରେ ଅନୁଧ୍ୟାନ କରଛନ୍ତି। ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସଦଭାବନା ସମ୍ମିଳନୀ ଗୃହରେ ଅନୁଷ୍ଠିତ ଏ ସମ୍ପର୍କୀୟ ଜିଲା ଟାସ୍କ ଫୋର୍ସ ବୈଠକରେ ୟୁନିସେଫ୍ ଟିମ୍ ତଥ୍ୟ ସଂଗ୍ରହ କରିଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବୈଠକରେ ଜିଲାରେ ବାଲ୍ୟ ବିବାହ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଗୁଡିକସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଚଳିତବର୍ଷ ଜାନୁୟାରୀ ୩ ତାରିଖରେ ଗଞ୍ଜାମକୁ ବାଲ୍ୟ ବିବାହମୁକ୍ତ ଜିଲା ଘୋଷଣା କରାଯାଇଥିଲା। ତେବେ ଚଳିତବର୍ଷ ୨୮୯ ବାଲ୍ୟ ବିବାହକୁ ପ୍ରଶାସନ ପକ୍ଷରୁ ରୋକାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି ୨୦୧୭ରେ ୨୪, ୨୦୧୮ରେ ୨୨, ୨୦୧୯ରେ ୪୫, ୨୦୨୦ରେ ୨୨୮ ଓ ୨୦୨୧ରେ ୨୦୧ ଟି ବାଲ୍ୟ ବିବାହ ରୋକାଯାଇଥିବା କୁହାଯାଇଥିଲା। ବାଲ୍ୟ ବିବାହ ସମ୍ପର୍କରେ କେହି ସୂଚନା ଦେଲେ ତାଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ଦେବାର ବ୍ୟବସ୍ଥା ଅଛି। ବାଲ୍ୟ ବିବାହ ରୋକିବା ପାଇଁ ନିର୍ଭୟ କଢ଼ି, ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଜିଲାରେ ଚାଲିଥିବା କୁହାଯାଇଥିଲା। ଏଥିପାଇଁ ସ୍କଚ୍ ଆୱାର୍ଡ ମଧ୍ୟ ମିଳିଛି। ୩୧୬ ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ବାଲ୍ୟ ବିବାହ ସଚେତନତା ହୋର୍ଡିଂ ଲଗାଯାଇଛି। ଏଥିସହ ବାଲ୍ୟ ବିବାହ ବନ୍ଦ ନେଇ ୧୫ଟି ଜାତି ସମୁଦାୟର ୬୦ ଜଣ ପାରମ୍ପରିକ ମୁଖ୍ୟଙ୍କୁ ସଚେତନ କରାଯାଇଥିବା ସୂଚନା ଦିଆଯାଇଥିଲା। ଜିଲାରେ ୧ ଲକ୍ଷ ୮୪ ହଜାର କିଶୋରୀ ଅଛନ୍ତି। ଏମାନଙ୍କୁ ଏବଂ ବିବାହ ସମ୍ପର୍କରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟ୍ରାକିଂ କରାଯାଉଥିବା ସୂଚନା ଦିଆଯାଇଥିଲା। ବୈଠକରେ ୟୁନିସେଫ୍ ଟିମ୍‌ର ସଦସ୍ୟ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଲୀନା କୁମାର ଖେସ୍, ଜିଲା ସମାଜ ମଙ୍ଗଳ ଅଧିକାରୀ ଶୁଭଶ୍ରୀ ପାତ୍ରଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଅଦ୍ୱିକା, ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ କର୍ମଶାଳା

ଫୁଲବାଣୀ ଅଫିସ, ୧।୧୧


କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି।

ଜିଲାସ୍ତରୀୟ ଅଦ୍ୱିକା ଓ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ୪ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କିଶୋର ବାଳିକା ଓ ବାଳକମାନଙ୍କୁ ବାଲ୍ୟ ବିବାହର ଅପକାରିତା, ଶିଶୁମାନଙ୍କର ଅଧିକାର, ଶିଶୁ ସୁରକ୍ଷା, ଶିଶୁ ଶ୍ରମିକ ଚାଲାଣ ଓ ପୁଷ୍ଟି ସଚେତନତା ଉପରେ ଶିକ୍ଷାଦାନ ଦେବା ସହିତ ଅଦ୍ୱିକା ଆପ୍‌କୁ କିପରି ଡାଉନ୍‌ଲୋଡ୍ କରାଯିବ ସେ ବିଷୟରେ ତାଲିମ ଦିଆଯାଇଥିଲା। ଶିବିରରେ ଜିଲାସ୍ତରୀୟ ତାଲିମ ଟିମ୍ ଗଠନ କରାଯାଇଥିଲା। ଅଦ୍ୱିକା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବ୍ଲକସ୍ତରରେ ତାଲିମ ପ୍ରଦାନ ପାଇଁ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ଟିମ୍ ଗଠନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଜିଲାରେ ତାଲିମ ଦେବା ପାଇଁ ଭୁବନେଶ୍ୱରରୁ ଦୁଇ ଜଣ ତାଲିମ୍‌ଦାତ୍ରୀ ଆସିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲା ସୁରକ୍ଷା ଅଧିକାରୀ ଏସ୍.ଗାୟତ୍ରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରନ୍ଙ୍କ ସମେତ ସମସ୍ତ ସିଡିପିଓ, ସୁପର୍‌ଭାଇଜରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆକ୍ସନ୍ ଏଡ୍‌ର ଜିଲା ସଂଯୋଜିକା ସନ୍ଧ୍ୟାରାଣୀ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ଓଡିଶା ସଂଗୀତ ନାଟକ ଏକାଡେମୀର ଖବରଦାତା ସମ୍ମିଳନୀ, ସ୍ଥାନ-ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ-ସନ୍ଧ୍ୟା ୬ଟା।

**ସୋରଡ଼ା**
- ବଜରଙ୍ଗ ଦଳର ରକ୍ତଦାନ ଶିବିର। ସ୍ଥାନ -ମଉର୍ଣ୍ଣ ପଲ ବିଦ୍ୟାଳୟ,ସମୟ -ସକାଳ ୮ ଟା

## ସଂକ୍ଷେପରେ

### ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧।୧୧-ସରକାରୀ ରେଳବାଇ ପୋଲିସ (ଜିଆରପି) ମଙ୍ଗଳବାର ଅପରାହ୍ନରେ କନିଷି ଲେଭଲ କ୍ରସିଂ ଦେଇ ଯାଇଥିବା ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ଆନୁମାନିକ ୩୦ ବର୍ଷ ହେବ ବୋଲି ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ନଂ.୯୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ସଂରକ୍ଷଣ ଗୃହରେ ରଖାଯାଇଛି। ପ୍ରାଥମିକ ଅନୁସନ୍ଧାନରୁ ଯୁବକ ଜଣଙ୍କ ଟ୍ରେନରୁ ଖସି ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ସୋମବାର ଅପରାହ୍ନରେ ଗୋଷାଣୀନୂଆଗାଁ ଓଭରବ୍ରିଜ ତଳ ଦେଇ ଯାଇଥିବା ରେଳଧାରଣାରୁ ଜଣେ ଅଜଣା ମହିଳାଙ୍କ ମୃତଦେହ ଜିଆରପି ପୋଲିସ ଉଦ୍ଧାର କରିଥିଲା। ତାଙ୍କ ପରିଚୟ ଏଯାବତ ସ୍ପଷ୍ଟ ହୋଇପାରିନାହିଁ। ଗତ ୨୪ ଘଣ୍ଟା ମଧ୍ୟରେ ରେଳଧାରଣାରୁ ମିଳିଥିବା ଦୁଇଟି ମୃତଦେହର ପରିଚୟ ମିଳିପାରି ନ ଥିବା ବେଳେ ତାହା ଏବେ ସଂରକ୍ଷଣ ଗୃହରେ ସଂରକ୍ଷିତ ରଖାଯାଇଛି ବୋଲି ପୋଲିସ କହିଛି।

### ପରିବହନ ବିଭାଗର ଭ୍ରାମ୍ୟମାଣ ଅଦାଲତ

ବ୍ରହ୍ମପୁର ଅଫିସ,୧।୧୧: ପରିବହନ ବିଭାଗ ତରଫରୁ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏକ ଭ୍ରାମ୍ୟମାଣ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ -୧୬ କନିଷି, ହଳଦିଆପଦର, ଲାଞ୍ଜିପଲ୍ଲୀ ଓ ଗୋପାଳପୁର ଜଙ୍କସନ ନିକଟରେ ଅନୁଷ୍ଠିତ ଅଦାଲତରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ପରିବହନ) ଅନନ୍ୟା ଅପରାଜିତା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୋଟରଯାନ ଆଇନ ଉଲ୍ଲଂଘନ କରିଥିବା ମୋଟ ୭୦ ଗାଡ଼ିରୁ ୩୮ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏମ୍‌ଭିଆଇ ସାବିତ୍ରୀ ହେମ୍ବ୍ରମ ଓ ତାଙ୍କର ଟିମ୍ ଗାଡିର କାଗଜପତ୍ର ଯାଞ୍ଚ କରି ଜରିମାନା ଆଦାୟ କରିଥିଲେ। ଆଗାମୀ ଦିନରେ ମଧ୍ୟ ସହରର ପ୍ରମୁଖ ଛକ ଓ ସହର ଉପକଣ୍ଠରେ ଏଭଳି ଯାନବାହନ ଯାଞ୍ଚ ପ୍ରକ୍ରିୟା ଜାରି ରହିବ। ସେହିପରି ଉଲ୍ଲଂଘନକାରୀଙ୍କ ନିକଟରୁ ଜରିମାନା ଆଦାୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ରେଳଷ୍ଟେଶନରୁ ୨ ନାବାଳକ ଉଦ୍ଧାର

ବ୍ରହ୍ମପୁର ଅଫିସ,୧।୧୧:ବ୍ରହ୍ମପୁର ରେଳ ଷ୍ଟେଶନ ପ୍ଲାଟଫର୍ମରୁ ଦୁଇ ନାବାଳକଙ୍କୁ ସୋମବାର ମଧ୍ୟ ରାତ୍ରିରେ ରେଲୱେ ଚାଇଲ୍ଡ ଲାଇନ୍ ଉଦ୍ଧାର କରିଛି। ଉଦ୍ଧାର ନାବାଳକ ଦ୍ୱୟ ଦୁଇ ଭାଇ ହୋଇଥିବା ବେଳେ ଜଣଙ୍କ ବୟସ ୪-୫ବର୍ଷ ଏବଂ ଅନ୍ୟଜଣଙ୍କ ବୟସ ୫-୬ବର୍ଷ ହେବ ବୋଲି ଅନୁମାନ କରାଯାଉଛି। କେବଳ ଦୁହେଁ ନିଜ ନାମ କହି ପାରୁଥିବା ବେଳେ, ଘର ଠିକଣା ସ୍ପଷ୍ଟ ଭାବେ କହି ପାରୁନାହାନ୍ତି। କିନ୍ତୁ ସେମାନଙ୍କ କଥାବାର୍ତ୍ତାରୁ ମୟୂରଭଞ୍ଜ ଜିଲାର ହୋଇଥିବା ଅନୁମାନ କରାଯାଉଛି। ରେଲୱେ ଚାଇଲ୍ଡ ଲାଇନର କର୍ମକର୍ତ୍ତାଙ୍କୁ ପ୍ରାଥମିକ ତଦନ୍ତରୁ ମିଳିଥିବା ତଥ୍ୟ ଅନୁଯାୟୀ, ଦୁହେଁ ବାପାଙ୍କ ସଙ୍ଗେ କରମଣ୍ଡଳ ଏକ୍ସପ୍ରେସ ଟ୍ରେନରେ ଆସିଥିଲେ। ପରେ ଷ୍ଟେଶନରେ ଦୁହିଁଙ୍କୁ ତାଙ୍କ ବାପା ଓହ୍ଲାଇ ଏକ ବେଞ୍ଚରେ ବସାଇଦେଇ କେଉଁଆଡ଼େ ଚାଲିଯାଇଥିଲେ। ମଙ୍ଗଳବାର ଦୁହିଁଙ୍କୁ ଶିଶୁ ମଙ୍ଗଳ ଅଧିକାରୀ (ସିଡବ୍ଲୁସି)ରେ ହାଜର କରାଯିବା ପରେ ବାଳାଶ୍ରମରେ ଥିବା ସ୍ପେସିଆଲ୍ ଆଡପ୍ସନ୍ ଏଜେନ୍ସିରେ ଥଇଥାନ କରାଯାଇଥିବା ସୂଚନା ମିଳିଛି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଭିଜିଲାନ୍ସ ସଚେତନତା ସପ୍ତାହ

ବ୍ରହ୍ମପୁର ଅଫିସ,୧।୧୧: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ବିଶ୍ୱବିଦ୍ୟାଳୟ ସିନେଟ ହଲ୍‌ଠାରେ ପାଳିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ, ଡେପୁଟି ରେଜିଷ୍ଟ୍ରାର ଡ. ବାପୁଜୀ ସାମଲ, ରେଜିଷ୍ଟ୍ରାର ଡ. ସରୋଜ କୁମାର ଦାଶ, କଣ୍ଟ୍ରୋଲର ଅଫ୍ ଫାଇନାନ୍ସ ଅଶୋକ କୁମାର ଧାଙ୍ଗଡ଼ାମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ରେ ବିଏମ୍‌ସି ଭାଙ୍ଗିବ ଗିରି ମାର୍କେଟ କୋଠା

## ଭାଙ୍ଗିବା ପୂର୍ବରୁ ସ୍ଥାନୀୟ ଲୋକ ବୋହି ନେଲେ ଲୁହା ସରଞ୍ଜାମ



ଦୋକାନ ଘରୁ ଲୋକେ କାଠ ଓ ଅନ୍ୟାନ୍ୟ ସାମଗ୍ରୀ ବୋହି ନେଉଛନ୍ତି।

**ବ୍ରହ୍ମପୁର ଅଫିସ,୧।୧୧**

ବ୍ରହ୍ମପୁର ସହରର ବହୁ ପୁରାତନ ୫୦ ବର୍ଷ ପୁରୁଣା ଗିରି ମାର୍କେଟ କୋଠା ଆସନ୍ତା ୧୦ ତାରିଖରେ ଭଙ୍ଗା ଯିବାକୁ ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ପକ୍ଷରୁ ନିଷ୍ପତ୍ତି ହୋଇଥିବା ବିଏମ୍‌ସି ଡେପୁଟି କମିଶନର ନୀଳମାଧବ ଭୋଇ ସୂଚନା ଦେଇଛନ୍ତି। ତେବେ ମାର୍କେଟ ଭଙ୍ଗା ଯିବା ପୂର୍ବରୁ ସମସ୍ତ ଦୋକାନ ଗୃହ ଖାଲି କରିବା ପାଇଁ ମାଲିକଙ୍କୁ ନୋଟିସି ଦିଆଯାଇଛି। କିନ୍ତୁ ମାର୍କେଟ ଭଙ୍ଗାଯିବା ପୂର୍ବରୁ ସ୍ଥାନୀୟ ବାସିନ୍ଦା ଦୋକାନର ଶଟର ତାଡି ନେଇଯାଉଥିବା ଦେଖିବାକୁ ମିଳିଛି। ଏପରିକି ଦୋକାନ ଘରେ ଲାଗିଥିବା ଅନେକ କାଠ ଆସାବପତ୍ର ଗୁଡିକ ମଧ୍ୟ ସ୍ଥାନୀୟ ଲୋକେ ବୋହି ନେଉଥିବା ଦେଖିବାକୁ ମିଳିଥିଲା। ବିଏମ୍‌ସି ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ହେବା କ୍ଷଣି ବୋହୁ ଦୋକାନରୁ ରାତି ଅଧରେ ସ୍ଥାନୀୟ କିଛି ବାସିନ୍ଦାମାନେ ସଟର ତାଡି ନେଇଯାଇଥିବା ବହୁ ବ୍ୟବସାୟୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୧୯୭୪ ମେ ୨୪ରେ ଗିରି ମାର୍କେଟ ପ୍ରତିଷ୍ଠା ହୋଇଥିଲା। ଏହାକୁ ତତ୍କାଳୀନ ରାଷ୍ଟ୍ରପତି ଭି.ଭି. ଗିରି ଉଦ୍‌ଘାଟନ କରିଥିଲେ। ଏଠାରେ ୧୫୦ରୁ ଊର୍ଦ୍ଧ୍ୱ ଦୋକାନ ଗୃହ ରହିଛି। କିନ୍ତୁ ପରବର୍ତ୍ତୀ ସମୟରେ ବିଏମ୍‌ସିର ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ମାର୍କେଟ କୋଠାଟି ବିପଦ ସଙ୍କୁଳ ପାଲଟିଥିଲା। ଯାହା ଦ୍ୱାରା ଜରାଜୀର୍ଣ୍ଣ ଛାତତଳେ ବ୍ୟବସାୟୀମାନେ ବ୍ୟବସାୟ କରିବାକୁ ଭୟ କରିଥିଲେ। ଏହାର ମରାମତି ପାଇଁ ବ୍ୟବସାୟୀଙ୍କ ପକ୍ଷରୁ ବିଏମ୍‌ସିକୁ ବାରମ୍ବାର ଅବଗତ କରାଯାଇଥିଲା। କିନ୍ତୁ କୌଣସି ମରାମତି କରାଗଲା ନାହିଁ। ଫଳରେ ବ୍ୟବସାୟୀମାନେ ବିପଦ ସଙ୍କୁଳ ଛାତ ତଳେ ବ୍ୟବସାୟ ଜାରି ରଖିଥିଲେ। ଏହାପରେ ଉକ୍ତ ମାର୍କେଟକୁ ଭାଙ୍ଗିବା ସହ ଉନ୍ନତିତୀକରଣ ପାଇଁ ମେ ୧୩ ରେ ବିଏମ୍‌ସି କାଉନସିଲ ବୈଠକରେ ନିଷ୍ପତ୍ତି ହୋଇଥିଲା। ମାର୍କେଟର ଉନ୍ନତୀକରଣ ପାଇଁ ୧୫ କୋଟି ମଞ୍ଜୁର ହୋଇଥିଲା। ଚଳିତ ବର୍ଷ ଅଗଷ୍ଟ ୧୫ ପୂର୍ବରୁ କୋଠା ଭଙ୍ଗା ଯିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ନିଷ୍ପତ୍ତିର ଦୀର୍ଘ ଦିନ ପରେ ବି କୋଠା ଭଙ୍ଗା ଯିବା କ୍ଷେତ୍ରରେ ବିଏମ୍‌ସି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଦେଖିବାକୁ ମିଳିଥିଲା। ମାର୍କେଟ କୋଠାରେ ବ୍ୟବସାୟୀମାନେ ଦୋକାନ ଘର ଖାଲି କରି ନ ଥିବା ଦର୍ଶାଇ କୋଠା ଭଙ୍ଗାଯିବାରେ ବିଳମ୍ବ ହେଉଥିବା ବିଏମ୍‌ସି ପକ୍ଷରୁ କୁହାଯାଇଥିଲା। ଏହାପରେ ସମସ୍ତ ଦୋକାନ ଗୃହ ସ୍ଥାନାନ୍ତରଣ ହୋଇଥିଲା। ଏହାର ଦୀର୍ଘ ଦିନ ପରେ ବର୍ତ୍ତମାନ ବିଏମ୍‌ସିର କୋଠା ଭଙ୍ଗାଯିବା ଚୂଡାନ୍ତ ନିଷ୍ପତ୍ତିକୁ କିଛି ବ୍ୟବସାୟୀ ସ୍ୱାଗତ ଜଣାଇଛନ୍ତି। କିନ୍ତୁ କୋଠା ଭଙ୍ଗା ଯିବା ପରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦିଗରେ ଖୁବ୍ ଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ବହୁ ବ୍ୟବସାୟୀ ଦାବି କରିଛନ୍ତି।

## ବିଜୁ ଆଦର୍ଶ କଲୋନୀ, ଚନ୍ଦନିଆ ପାହାଡ ପରିଦର୍ଶନ କଲେ କମିଶନର

**ବ୍ରହ୍ମପୁର ଅଫିସ,୧।୧୧**


ବସ୍ତି ବାସିନ୍ଦାଙ୍କ ସହ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ଆଲୋଚନା।

ବ୍ରହ୍ମପୁର ସହରରେ ରହିଥିବା ୧୭୩ ବସ୍ତି ମଧ୍ୟରୁ ୭୨ ବସ୍ତିକୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି। ବର୍ତ୍ତମାନ ପୁଣି ୧୮ ବସ୍ତିକୁ ବିଏମ୍‌ସି ସାଧାରଣ ଅଞ୍ଚଳରେ ପରିଗଣିତ କରିଛି। ଏ ନେଇ ନିକଟରେ କମିଶନର ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଅର୍ବାନ ରେସିଡେନ୍ସି ୱେଲ ଫେୟାର କମିଟି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ୧୮ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ସହରରେ ରହିଥିବା ବସ୍ତି ବାସିନ୍ଦାଙ୍କୁ ମୌଳିକ ସୁବିଧା, ସ୍ୱଚ୍ଛତା ଓ ଅନ୍ୟାନ୍ୟ ଆବଶ୍ୟକତାକୁ ନେଇ ମଙ୍ଗଳବାର କମିଶନର ଜେ.ସୋନାଲ ପରିଦର୍ଶନ କରିଛନ୍ତି। ସେହିପରି ଆନନ୍ଦ ସରଣୀ (ବିଜୁ ଆଦର୍ଶ କଲୋନୀ),ଗୋଲା ରଘୁନାଥପୁର, ଏନାଦ୍ରି ଗାଁ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ବସ୍ତି ବାସିନ୍ଦାଙ୍କୁ କ'ଣ ଆବଶ୍ୟକତା ରହିଛି ସେ ସମ୍ପର୍କରେ ବୁଝିଥିଲେ। ଏଥିସହ କମିଶନର ଚନ୍ଦନିଆ ପାହାଡ ପରିଦର୍ଶନ କରିଥିଲେ। ସେଠାରେ ଜମା ହୋଇ ରହିଥିବା ବର୍ଜ୍ୟବସ୍ତୁକୁ ସମୟ ସୀମା ମଧ୍ୟରେ ନଷ୍ଟ କରିବା ପାଇଁ ବିଏମ୍‌ସି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କମିଶନର ଆସନ୍ତା ୧୦ ତାରିଖରେ ଭଙ୍ଗା ହେବାକୁ ଥିବା ଗିରି ମାର୍କେଟ କୋଠା ପରିଦର୍ଶନ କରିଥିଲେ। କୋଠା ଭଙ୍ଗାଯିବା ପୂର୍ବରୁ ସମସ୍ତ ଦୋକାନ ଗୃହ ଖାଲି କରିବା ପାଇଁ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର ନୀଳମାଧବ ଭୋଇ, ବିନୋଦ ବେହେରା, ନୋଡାଲ ସିଇଓ ଗୀତାଞ୍ଜଳି ସାମନ୍ତରାୟଙ୍କ ସମେତ ନାଗେଶ୍ୱର ସୁବୁଦ୍ଧି ଓ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଜାତୀୟ ଏକତା ଦିବସ

**ବ୍ରହ୍ମପୁର ଅଫିସ,୧।୧୧**

ଭାରତ ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟ ବ୍ରହ୍ମପୁର ଶାଖା ପକ୍ଷରୁ ସୋମବାରଠାରୁ ଡେକାନ ମହାବିଦ୍ୟାଳୟଠାରେ ୨ ଦିନିଆ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାତୀୟ ଏକତା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା, ଗୋଷ୍ଠୀ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଦେଶାତ୍ମବୋଧକ ଦିବସ ଭାବେ ପାଳନ କରାଯାଇଥିଲା। ଏଥିରେ କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢୀ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡ.କୁଳମଣି ଓଝା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ମଦନ ମୋହନ ମହାପାତ୍ର ଯୋଗ ଦେଇଥିଲେ। ଦେଶକୁ ଏକତା ରଖିବା ଓ ଶ୍ରେଷ୍ଠ କରିବା ପାଇଁ ଛାତ୍ରୀଛାତ୍ରମାନେ ସମସ୍ତ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ସିପିଏମ୍ ନେତା କାଳୁ ପଣ୍ଡାଙ୍କ ପ୍ରଥମ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ,୧।୧୧**

ବିଶିଷ୍ଟ ବାମପନ୍ଥୀ ଓ ଶ୍ରମିକ ନେତା ସ୍ୱର୍ଗତ କାଳୁ ପଣ୍ଡାଙ୍କ ପରଲୋକର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଗଞ୍ଜାମ ଜିଲା ସିପିଆଇ (ଏମ) ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। କାଳୁ ପଣ୍ଡା ଦୀର୍ଘ ବର୍ଷ ଧରି ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଜିଲା କମିଟି ସଭାପତି ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ସିଆଇଟିୟୁ ରାଜ୍ୟ କମିଟିର ଉପସଭାପତି ହୋଇଥିଲେ। ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିପିଏମ୍‌ର ବରିଷ୍ଠ ନେତା ତଥା ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ରାଜ୍ୟ କମିଟି ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଦଣ୍ଡପାଣି ମହାନ୍ତି, କଂଗ୍ରେସ ନେତା ପୀତବାସ ପଣ୍ଡା, ବିଜେଡି ନେତା ସଞ୍ଜିତ ପାଣିଗ୍ରାହୀ ଓ ସୁରେନ୍ଦ୍ର ମହାରଣାଙ୍କ ସମେତ କେତେକ ବିଏମ୍‌ସି କର୍ପୋରେଟର ଏବଂ ସିପିଆଇ (ଏମ) ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରାଙ୍କ ସମେତ ଅନେକ କର୍ମୀ ଓ ନେତା ଯୋଗଦେଇଥିଲେ। ବରିଷ୍ଠ ନେତା କୈଳାସ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ସମେତ ବିଭିନ୍ନ ସ୍ତରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ବିସିସି ବ୍ୟାଙ୍କ ସଭାପତି ପଦ ପାଇଁ ୧୬ରେ ନାମାଙ୍କନ

**ବ୍ରହ୍ମପୁର ଅଫିସ,୧।୧୧**

ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ପରିଚାଳନା ବୋର୍ଡ ସଭାପତି ପଦ ପାଇଁ ଆସନ୍ତା ୧୬ ତାରିଖରେ ନାମାଙ୍କନ ଦାଖଲ ହେବ। ସେହିଦିନ ହିଁ ମନୋନୟନ ପତ୍ର ଯାଞ୍ଚ, ଆପତ୍ତି ଅଭିଯୋଗର ଶୁଣାଣି ଓ ଫଇସଲା, ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ତାଲିକା ପ୍ରକାଶିତ ହେବ। ଆବଶ୍ୟକସ୍ଥଳେ ୧୮ ତାରିଖରେ ନିର୍ବାଚନ ହେବ ଏବଂ ଅପରାହ୍ନରେ ଭୋଟ ଗଣତି ଓ ଫଳାଫଳ ଘୋଷଣା କରାଯିବ। ମଙ୍ଗଳବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

## କେନ୍ଦ୍ରର ନୂଆ ଶ୍ରମ ଆଇନ ପ୍ରତ୍ୟାହାର କରାଯାଉ

- ସମତୁଲ ହେଉ ମହିଳା ପୁରୁଷ ଶ୍ରମିକଙ୍କ ମଜୁରି ନୀତି
- ସିଆଇଟିୟୁ ଜିଲା ସମ୍ମିଳନୀରେ ଦାବି

**ବ୍ରହ୍ମପୁର ଅଫିସ,୧।୧୧**



ସିଆଇଟିୟୁର ଗଞ୍ଜାମ ଜିଲା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ।

ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଶ୍ରମିକ ସଂଗଠନ ସିଆଇଟିୟୁ ଗଞ୍ଜାମ ଜିଲା ସମ୍ମିଳନୀ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ହିଲପାଟଣାସ୍ଥ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍‌ରେ ଆୟୋଜିତ ସମ୍ମିଳନୀକୁ ସିଆଇଟିୟୁ ରାଜ୍ୟ ସଭାପତି ତଥା ବରିଷ୍ଠ ସିପିଏମ୍ ନେତା ଜନାର୍ଦ୍ଦନ ପତି ଉଦ୍‌ଘାଟନ କରିବା ସହ ସଂଗଠନର ପତାକା ଉତ୍ତୋଳନ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶ୍ରମିକ ଏବଂ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସିଟୁ ଜିଲା ସଭାପତି ପ୍ରତାପ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ।

କାମଧନ୍ଦା ଅଭାବରୁ ଗଞ୍ଜାମର ଲକ୍ଷ ଲକ୍ଷ ଶ୍ରମିକ ପେଟପାଟଣା ପାଇଁ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ତେଣୁ ପ୍ରବାସୀ ଶ୍ରମିକମାନଙ୍କୁ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବା ପାଇଁ ସମ୍ମିଳନୀ ମଞ୍ଚରେ ଦାବି କରାଯାଇଛି। ଅପରପକ୍ଷରେ ପୁରୁଷ ଓ ମହିଳା ଶ୍ରମିକଙ୍କ ମଜୁରିରେ ଥିବା ତାରତମ୍ୟ ଦୂରକରି ଏକପ୍ରକାର ମଜୁରି ନୀତି ପ୍ରଣୟନ, ଠିକା କର୍ମଚାରୀ ଓ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ତୁରନ୍ତ କରାଯିବା ସହ ନିୟମ ପ୍ରକାରେ ସହାୟତା ପ୍ରଦାନ, ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ସରକାର ଗୁରୁତ୍ୱ ଦେବା ନିମନ୍ତେ ରାଜନୈତିକ ଠିଠା ପ୍ରସ୍ତାବରେ ସିଟୁ ଦାବି କରିଛି।

ସମାବେଶରେ ରାଜ୍ୟ ସଭାପତି ଭାଷଣ ପ୍ରସଙ୍ଗରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିର କଡ଼ା ସମାଲୋଚନା କରିଥିଲେ। ଶ୍ରମିକଙ୍କ ନ୍ୟାଯ୍ୟ ଅଧିକାର ଛଡ଼ାଇ ନେବା ପାଇଁ ପ୍ରଚଳିତ ନୂଆ ଶ୍ରମ କୋଡ୍ ତୁରନ୍ତ ପ୍ରତ୍ୟାହାର କରାଯିବାକୁ ସେ ଦାବି କରିଥିଲେ। ସିପିଏମ୍ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏନ୍‌ଡିଏ ସରକାରଙ୍କ ଶ୍ରମିକ ମାରଣ ଓ ଶୋଷଣ ନୀତିକୁ ରାଜ୍ୟ ବିଜେଡି ସରକାର ପ୍ରତିବାଦ କରୁ ନ ଥିବାରୁ ଉଭୟ ସରକାରଙ୍କ ଭିତିରି ବୁଝାମଣାକୁ କଟାକ୍ଷ କରିଥିଲେ। ସିପିଏମ୍ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବରିଷ୍ଠ ବାମପନ୍ଥୀ ନେତା କୈଳାସ ଷଡ଼ଙ୍ଗୀଙ୍କ ସମେତ ଶିବ ପ୍ରସାଦ ମହାପାତ୍ର, ବିଦ୍ୟାଧର ଜେନା, ରାମଚନ୍ଦ୍ର ନାୟକ, କୁରେଶୁ ପଣ୍ଡା, ଦିଲୀପ ଛୋଟରାୟ ଓ ସବିତା ମହାପାତ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ସିଆଇଟିୟୁ ଜିଲା ସଭାପତି ଭାବେ ପ୍ରତାପ ଚୌଧୁରୀ ପୁନର୍ବାର ନିର୍ବାଚିତ ହୋଇଥିଲେ। ଚଳିତ ମାସ ୨୬ରୁ ୩ ଦିନ ଧରି ଭୁବନେଶ୍ୱରରେ ହେବାକୁ ଥିବା ସିଆଇଟିୟୁର ରାଜ୍ୟ ସମ୍ମିଳନୀରେ ଗଞ୍ଜାମରୁ ୫ ଶତାଧିକ ଶ୍ରମିକ ଯୋଗ ଦେବାର ନିଷ୍ପତ୍ତି ନିଆଯାଇଥିଲା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ ଅମିତା


@ ଅଜିତ୍


@ ରୁବୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦମ୍ପତିଙ୍କୁ ହତ୍ୟା ଉଦ୍ୟମ ମାମଲା, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧।୧୧**


ଗିରଫ ଅଭିଯୁକ୍ତ

ପାଣି ମୋଟର ଚାଲୁ କରିବାକୁ କହିବାରୁ ଦମ୍ପତିଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି ବଡବଜାର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଶାସ୍ତ୍ରୀନଗର ୪ର୍ଥ ଲେନ୍‌ରେ ରହୁଥିବା ନରସିଂହ ଦାସ। ପୋଲିସ ଅଭିଯୁକ୍ତଙ୍କଠାରୁ ଘଟଣା ବେଳେ ବ୍ୟବହାର କରାଯାଇଥିବା ମାରଣାସ୍ତ୍ର ଜବତ କରିଛି। ମାମଲା ନମ୍ବର ୨୮୯/୨୨ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏସ୍‌ଡିଜେଏମ୍‌ଙ୍କ ନିର୍ଦ୍ଦେଶରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଜଣାପଡିଛି।

ପ୍ରକାଶ ଯେ, ଶାସ୍ତ୍ରୀନଗର ୪ର୍ଥ ଲେନ୍‌ରେ ଥିବା ଏକ ୨ ମହଲା ଘରେ ନରସିଂହ ଦାସଙ୍କ ପରିବାର ଓ ପଙ୍କଜ ମହାପାତ୍ରଙ୍କ ପରିବାର ଘର ଭଡ଼ାରେ ରହୁଛନ୍ତି। ବିଭିନ୍ନ ଛୋଟମୋଟ କଥାକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଦୁଇ ପରିବାରଙ୍କ ଘରକୁ ଜଳଯୋଗାଣ ପାଇଁ ଗୋଟିଏ ମୋଟର ରହିଛି। ଉକ୍ତ ପାଣି ମୋଟରଟି ଚାଲୁ କରିବା ପାଇଁ ରହିଥିବା ସୁଇଚଟି ନରସିଂହଙ୍କ ଘରେ ରହିଛି। ଅନ୍ୟପଟେ ସୋମବାର ପଙ୍କଜଙ୍କ ଟାଙ୍କିରେ ପାଣି ନ ଥିବାରୁ ସେ ମୋଟର ଲଗାଇବା ପାଇଁ ନରସିଂହଙ୍କୁ କହିଥିଲେ। ଏହାକୁ କେନ୍ଦ୍ରକରି ନରସିଂହ ଓ ତାଙ୍କ ସ୍ତ୍ରୀ ଓ ପୁଅ ଶାବଳ ଓ ହାତୁଡ଼ିରେ ପଙ୍କଜଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ପଙ୍କଜଙ୍କ ସ୍ତ୍ରୀ ଦୀପ୍ତି ମହାପାତ୍ର ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ପରେ ଏନେଇ ଦୀପ୍ତି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ନରସିଂହଙ୍କୁ ଗିରଫ କରିଥିଲା ବୋଲି କହିଛି।

